# ରାଜ୍ୟ ସିନିୟର ପେନଚାକ ସିଲାଟ ଚାମ୍ପିଅନସିପ୍ ଉଦ୍‌ଘାଟିତ




ଅନୁଗୋଳ,୧୦।୫(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ୯ମ ଓଡ଼ିଶା ରାଜ୍ୟ ସିନିୟର ପେନଚାକ ସିଲାଟ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ଅନେକ ଦକ୍ଷ ପ୍ରତିଯୋଗୀ ଓ କ୍ରୀଡ଼ାପ୍ରେମୀ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବାର୍ ଆସୋସିଏସନ ସଭାପତି ଦିଲୀପ କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଏବଂ ଅନୁଗୋଳ ପେନଚାକ ସିଲାଟ ଆସୋସିଏସନ ସଭାପତି ରାଜେଶ କୁମାର ଦାସ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଏହି ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜ ଚପଳତା, ଶକ୍ତି ଏବଂ ରଣକୌଶଳ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ସମ୍ମାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ରବିବାର ସନ୍ଧ୍ୟାରେ ପ୍ରତିଯୋଗିତା ଉଦଯାପିତ ହୋଇଛି।

# ସଂଗଠନ ଓ ସରକାର ମଧ୍ୟରେ କାର୍ଯ୍ୟ କରିବାକୁ ପରାମର୍ଶ



ଅନୁଗୋଳ,୧୦।୫(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର ଏଥିରେ ଯୋଗଦେଇ ବୁଥ ସ୍ତରରୁ କମିଟି ଗଠନ ସହ ସରକାରୀ ଯୋଜନାରେ ଉପଯୁକ୍ତ ହିତାଧିକାରୀ କିଭଳି ଲାଭାର୍ଥୀ ହୋଇପାରିବେ ସେ ବିଷୟରେ କାର୍ଯ୍ୟକର୍ତ୍ତା ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସଂଗଠନ ଓ ସରକାର ମଧ୍ୟରେ କାର୍ଯ୍ୟକର୍ତ୍ତା ସେତୁ ଭଳି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରତି ମାସରେ ବୁଥ, ଶକ୍ତିକେନ୍ଦ୍ର, ମଣ୍ଡଳ ଓ ଜିଲ୍ଲା ସ୍ତରରେ ସାଙ୍ଗଠନିକ କମିଟି ବୈଠକ କରାଇବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସ୍ତରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ କରିବା ଉପରେ ପ୍ରଶିକ୍ଷଣ ପ୍ରଭାରୀ ରାଧାକାନ୍ତ ମହନ୍ତ ଓ ସହପ୍ରଭାରୀ ସୁନୀଲ ଶର୍ମା ଆଲୋଚନା କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ ମଧ୍ୟ ସଂଗଠନ ଉପରେ ମାର୍ଗଦର୍ଶନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ ଓ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ମହିଳା ଆକ୍ରୋସ ରାଲି ସବୁ ମଣ୍ଡଳରେ କରାଯିବାକୁ କହିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ ଓ ସୁଦୀପ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଜିଲ୍ଲା ପଦାଧିକାରୀ, ଜିଲ୍ଲା କମିଟି ସଦସ୍ୟ, ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ, ପ୍ରଭାରୀ ଓ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ଥିଲେ।

● ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନସିପ

# ଅନୁଗୋଳର ଦବଦବା: ୭୪ ପଦକ ଜିତିଲେ



ଅନୁଗୋଳ,୧୦।୫(ସମିସ): ଗଞ୍ଜାମର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୭ମ ୱାକୋ ଓଡ଼ିଶା ରାଜ୍ୟ ଆମାଚ୍ୟୁର କିକ୍ ବକ୍ସିଂ ଚାମ୍ପିଅନସିପ୍-୨୦୨୬ରେ ଅନୁଗୋଳର ମାନସ କିକ୍ ଏକାଡେମୀ' ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମେ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଏକାଡେମୀର ୨୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ମୋଟ ୭୪ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାର ମୁଖ୍ୟ ଆକର୍ଷଣ ସାଜିଥିଲେ ଯୁବ କିକ ବକ୍ସର ସୁଚିସ୍ମିତା ଅମାନ୍ତ। ସେ ଏକାକୀ ୫ ସ୍ୱର୍ଣ୍ଣ ପଦକ ଜିତି ନିଜ ଅସାଧାରଣ ଦକ୍ଷତା ପ୍ରତିପାଦନ କରିଛନ୍ତି। ମୁଖ୍ୟ ପ୍ରଶିକ୍ଷକ କାର୍ତ୍ତିକ ଡାକୁଆଙ୍କ ତତ୍ତ୍ୱାବଧାନ ଏବଂ ସହକାରୀ ପ୍ରଶିକ୍ଷକ ମାନସ ରଞ୍ଜନ ଅମାନ୍ତ ଓ ଶ୍ରୀଧର ରାଜଙ୍କ ମାର୍ଗଦର୍ଶନରେ ଖେଳାଳିମାନେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ଅନୁଗୋଳ ଜିଲ୍ଲାରେ କିକ୍ ବକ୍ସିଂ ପ୍ରତି ରହିଥିବା ଆଗ୍ରହ ଓ ସମ୍ଭାବନାକୁ ସ୍ପଷ୍ଟ କରିଛି। ଏକାଡେମୀର ଏହି ଗୌରବମୟ ବିଜୟ ପାଇଁ ସ୍ଥାନୀୟ କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ସମସ୍ତ ଖେଳାଳି ଏବଂ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଣିହାଁ-ଗୋଡ଼ିବନ୍ଧ ରାଜପଥ ମରଣଯନ୍ତା

କଣିହାଁ,୧୦।୫(ସମିସ):



୫୩ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଗୋଡ଼ିବନ୍ଧଠାରୁ କଣିହାଁ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତା ପ୍ରଶସ୍ତୀକରଣ କାମ ନାଁରେ ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ସର୍ଭେ କାମ ଚାଲିଥିବା ବେଳେ ମୂଳ କାମ ଆରମ୍ଭ ହୋଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଦିନକୁ ଦିନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଥିବା ବେଳେ ଭାରୀଯାନ ଚଳାଚଳର ଚାପ ବୃଦ୍ଧି ପାଇବାରୁ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ଅନେକ ପରିବାରକୁ ଘରଭଙ୍ଗା କ୍ଷତିପୂରଣ ମିଳିଥିବା ବେଳେ, ଅନେକ କ୍ଷତିଗ୍ରସ୍ତ ପରିବାର ଏପର୍ଯ୍ୟନ୍ତ ଉପଯୁକ୍ତ କ୍ଷତିପୂରଣ ପାଇନାହାନ୍ତି। ଏହାକୁ ନେଇ ଏନଏଚଆଇ ଓ ଭୂ-ଅର୍ଜନ ଅଧିକାରୀଙ୍କ ପ୍ରତି ମଧ୍ୟ ଅସନ୍ତୋଷ ବଢ଼ିଚାଲିଛି। ତୁରନ୍ତ ଟଙ୍କା ମଞ୍ଜୁର କରି କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିବାକୁ ଦାବି ହେଉଛି।

କଣିହାଁଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ଏନଟିପିସି, ଏମସିଏଲ ଓ ଜେଆଇପିଏଲ ଭଳି ବଡ଼ ବଡ଼ ଶିଳ୍ପସଂସ୍ଥାର କୋଇଲା ଓ ଖଣିଜ ବୋଝେଇ ହଜାର ହଜାର ଭାରୀଯାନ ଦିନରାତି ଚଳାଚଳ କରୁଛି। ଫଳରେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ଭାଙ୍ଗିଯାଇଥିବା ରାସ୍ତା ଉପରେ ଧୂଳିର ଆବରଣ ଯାତ୍ରୀଙ୍କ ପାଇଁ ଜୀବନମରଣ ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତା କେବଳ ଶିଳ୍ପସଂସ୍ଥା ପାଇଁ ନୁହେଁ, କଣିହାଁ ବ୍ଲକର ଅର୍ଦ୍ଧାଧିକ ଓ ଆଖପାଖ ୩୦ ଗ୍ରାମର ଲୋକଙ୍କ ଦୈନନ୍ଦିନ ଯାତାୟାତର ପ୍ରମୁଖ ମାଧ୍ୟମ। ଛାତ୍ରଛାତ୍ରୀ, ଚାଷୀ, କର୍ମଚାରୀ ଓ ରୋଗୀଙ୍କ ସହ ଜରୁରୀକାଳୀନ ସେବା ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ସମ୍ବଲପୁର ଓ ରାଉରକେଲା ସହ ଯୋଗାଯୋଗର ଏକ ମୁଖ୍ୟ ସଡ଼କ ଭାବେ ଏହାର ଗୁରୁତ୍ୱ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏନଏଚଏଆଇ କିମ୍ବା କାର୍ଯ୍ୟରତ ଠିକା ଏଜେନ୍ସି ପକ୍ଷରୁ ଏପର୍ଯ୍ୟନ୍ତ ରାସ୍ତାରେ ମାଟି ପକାଇବା କିମ୍ବା ଅସ୍ଥାୟୀ ମରାମତି କାମ ମଧ୍ୟ କରାଯାଇନାହିଁ। ଫଳରେ ସାଧାରଣ ଲୋକଙ୍କ ମଧ୍ୟରେ କ୍ଷୋଭ ଓ ସନ୍ଦେହ ବଢ଼ିଚାଲିଛି। ବର୍ଷାଦିନରେ ରାସ୍ତାର ଖାଲଖମାରେ ପାଣି ଭରିଯାଉଥିବାରୁ ଗାଡ଼ି ଚାଳକମାନେ ଭୁଲ ଆନୁମାନ କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାସହ ଧୂଳି ଓ ପ୍ରଦୂଷଣ ଯୋଗୁଁ

● ଦୁଇବର୍ଷ ଧରି ସରୁନି ସର୍ଭେ କାମ

● ରାସ୍ତା ପ୍ରଶସ୍ତୀକରଣ ନାଁରେ ଏଜେନ୍ସିର ମନମାନି

ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ସମସ୍ତ ପ୍ରଶାସନିକ ପ୍ରକ୍ରିୟା ଶୀଘ୍ର ସମାପ୍ତ କରି ତୁରନ୍ତ ରାସ୍ତା କାମ ଆରମ୍ଭ କରିବାକୁ କଣିହାଁ ବ୍ଲକବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ଗଢ଼ିଉଠିବ ବୋଲି ସ୍ଥାନୀୟ ଜନସାଧାରମ ଓ ବିଭିନ୍ନ ସଂଗଠନ ଚେତାବନୀ ଦେଇଛନ୍ତି। ଏ ନେଇ ଏନଏଚଏଆଇ ଅଧିକାରୀ ଓ କଣିହାଁ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ।

■ ବଳରାମ କୋଇଲା ଖଣିରେ ଟ୍ରକରୁ ବେଆଇନ ଚାନ୍ଦା ଆଦାୟ

# ଟଙ୍କା ନ ଦେବାରୁ ସଂଘବଦ୍ଧ ଆକ୍ରମଣ

ତାଳଚେର,୧୦।୫(ସମିସ):



ତାଳଚେରର ସମସ୍ତ କୋଇଲା ଖଣି ଲୋକାଲ ସେଲରେ କୋଇଲା ଟ୍ରକଗୁଡ଼ିକରୁ ବେଆଇନ ଚାନ୍ଦା ଆଦାୟ କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିବା ବେଳେ ଶନିବାର ଚାନ୍ଦା ଆଦାୟକୁ ନେଇ ବଳରାମ କୋଇଲା ଖଣିରେ ତୁମୁଳକାଣ୍ଡ ଘଟିଛି। ଟଙ୍କା ନ ଦେବାରୁ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଛି। ତାଳଚେର ବ୍ଲକ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମର ଦୁଇଜଣ ଟ୍ରକ ମାଲିକଙ୍କୁ ଆକ୍ରମଣ ହୋଇଥିବା ଜଣାପଡ଼ିଛି।

ପୂର୍ବାହ୍ନ ୧୧ଟାରେ ସୋଲଡ଼ା ଗ୍ରାମର ଶୁଦ୍ଧିରଞ୍ଜନ ପ୍ରଧାନ (୫୮) ଓ ଆକାଶ ଜେନା (୩୨)ଙ୍କ ଟ୍ରକରୁ ଖଣି ଭିତରେ କିଛି ବ୍ୟକ୍ତି ଚାନ୍ଦା ଆଦାୟ କରୁଥିଲେ। ଦୁଇ ଟ୍ରକ ମାଲିକ ଖଣିରେ ଲୋଡିଂ ପଏଣ୍ଟରେ ଥିବା ଟ୍ରକ ପାଖକୁ ଯାଉଥିବା ବେଳେ ଚାନ୍ଦା ଆଦାୟ କରୁଥିବା ୨୦ରୁ ୨୫ଜଣ ବ୍ୟକ୍ତି ସେମାନଙ୍କୁ ଲୁହାରେଡ୍‌ରେ ଆକ୍ରମଣ କରିଥିଲେ। ଉଭୟ ସେଠାରେ ଅଚେତ ହୋଇ ପଡ଼ିବା ଫଳରେ ସେମାନେ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। କିଛି ସମୟରେ ପରେ ଜଣଙ୍କ ଚେତା ଫେରିଥିଲା। ସେ ତାଙ୍କ ସମ୍ପର୍କୀୟଙ୍କୁ ଡାକିବାରୁ ସେମାନେ ଉଭୟଙ୍କୁ ଉଦ୍ଧାର କରି ଅନୁଗୋଳ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶୁଦ୍ଧିରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ନିଆଯାଇଛି। ଆକାଶ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗତ କିଛି ମାସହେବ ବଳରାମ କୋଇଲା ଖଣିରେ ସୋଲଡ଼ା ଗ୍ରାମବାସୀ ଏବଂ ଟ୍ରକମାଲିକ ସଂଘ ମଧ୍ୟରେ ଚାନ୍ଦା ଆଦାୟକୁ ନେଇ ବିବାଦ ଲାଗି ରହିଥିଲା। ଏହାର ସମାଧାନ ପାଇଁ ଗୋପାଳ ପ୍ରସାଦ ଥାନା ଅଧିକାରୀ ଓ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନେକ ଥର ବୈଠକ ବସିଛି। ଟ୍ରକ ମାଲିକମାନେ ବେଆଇନ ଭାବେ ଚାନ୍ଦା ଦେବାକୁ ରାଜି ନ ଥିବା ବେଳେ ଗ୍ରାମବାସୀ ଟ୍ରକପିଛା ୩୮୦ଟଙ୍କା ନେବାକୁ ଦାବି କରୁଛନ୍ତି। ଯାହାକୁ ନେଇ ଆଜକୁ ୬ମାସ ହେବ ଏଭଳି ପରିସ୍ଥିତି ଖଣି ପରିସରରେ ଲାଗି ରହିଛି। ଗତକାଲିର ଆକ୍ରମଣ ଘଟଣା ନେଇ ଟ୍ରକ ମାଲିକ ଦ୍ୱୟଙ୍କ ପରିବାର ପକ୍ଷରୁ ଗୋପାଳ ପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ଆଗକୁ କ'ଣ ପରିସ୍ଥିତି ଉପୁଜୁଛି ଓ ପୁଲିସ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ଗୋପାଳ ପ୍ରସାଦ ଥାନାକୁ ଯୋଗାଯୋଗ କରଯାଇଥିଲେ ହେଁ ପ୍ରତିକ୍ରିୟା ମିଳିନାହିଁ।

# ତ୍ରିଦିବସୀୟ ବାଳ ସଂସ୍କାର ଗ୍ରୀଷ୍ମ ଶିବିର



ଅନୁଗୋଳ,୧୦।୫(ସମିସ): ଭାରତ ବିକାଶ ପରିଷଦ ଅନୁଗୋଳ ଶାଖା ପକ୍ଷରୁ ତ୍ରିଦିବସୀୟ ବାଳ ସଂସ୍କାର ଗ୍ରୀଷ୍ମ ଶିବିର ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ୧୭ ବିଦ୍ୟାଳୟର ପଞ୍ଚମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଚାଲୁଥିବା ଏହି କାର୍ଯ୍ୟକ୍ରମରେ ମଙ୍ଗଳାଚରଣ, ପ୍ରାର୍ଥନା, ଯୋଗାସନ, ନୀତିଶିକ୍ଷା, ମହାପୁରୁଷମାନଙ୍କ ଜୀବନୀ, ଖେଳକୁଦ ତଥା ବିଭିନ୍ନ ପ୍ରତିଯୋଗିତାରେ ପିଲାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମାପନୀ ଉତ୍ସବରେ ବ୍ରହ୍ମାକୁମାରୀଜ୍ ଅନୁଗୋଳର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମିନତୀ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବିତରଣ କରିଥିଲେ। ଅନୁଷ୍ଠାନର କ୍ଷେତ୍ରୀୟ ପରିବେଶ ପ୍ରଭାରୀ ବିଜୟ ମୋଦୀ, ସଭାପତି ଦୁର୍ଗାଶଙ୍କର ମିଶ୍ର, ସମ୍ପାଦକ ପ୍ରମୋଦ ଚନ୍ଦ୍ର ନାୟକ, ସଂସ୍କାର ପ୍ରମୁଖ ବିଜୟ କୁମାର ରାଉତଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଣ୍ଡ ସମାଜ ଧଡ଼ରପାଳ ପୁଞ୍ଜିର ବୈଠକ

କିଶୋରନଗର,୧୦।୫(ସମିସ): ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ସମାଜ ଧଡ଼ରପାଳ ପୁଞ୍ଜିର ୨୩ତମ ବାର୍ଷିକ ଅଧିବେଶନ କିଶୋରନଗର ବ୍ଲକ ଫୁଲଝରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ପ୍ରଭୁ ଜଙ୍ଘାଦେବଙ୍କୁ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ଏଥିରେ ଗୋଣ୍ଡ ସମାଜର ପୁଅଝିଅ ଅଧିକରୁ ଅଧିକ ଶିକ୍ଷା ଗ୍ରହଣ କରିବା, ରୋଜଗାରକ୍ଷମ ହେବା, ସମାଜର ରୀତିନୀତି ମାନି ଚଳିବା, ମହିଳାମାନେ ସଶକ୍ତ ହେବା ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦ ପ୍ରତିଶରୁ ଅଧିକ ମାର୍କ ରଖିଥିବା ୯ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇତିଲା। ମୁଖ୍ୟଅତିଥି ଭାବେ ଗୋଣ୍ଡୱାନା ଗୋଣ୍ଡ ମହାସଭାର ଜିଲ୍ଲା ସଭାପତି ସଦାଶିବ ନାୟକ, ସମ୍ମାନିତ ଅତିଥିଭାବେ ମହିଳା ନେତ୍ରୀ ପ୍ରତିମା ଦେହୁରୀ, କେନ୍ଦ୍ର ସଭାପତି ପ୍ରସନ୍ନ ନାୟକ, ଉପଦେଷ୍ଟା କର୍ଣ୍ଣ ନାୟକ ଯୋଗଦେଇଥିଲେ। ପୁଞ୍ଜି ସଭାପତି ସତ୍ୟବାଦୀ ନାୟକ, ସହସମ୍ପାଦକ ଅର୍ଜୁନ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପୁଞ୍ଜିର ସମସ୍ତ ଗ୍ରାମର ୩ଶହ ସଭ୍ୟସଭ୍ୟା ଯୋଗଦେଇଥିଲେ। ଅମରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ।



# ମହିଳା ଜନଆକ୍ରୋସ ପଦଯାତ୍ରା



କଣିହାଁ,୧୦।୫(ସମିସ): ପବିତ୍ରନଗର ମଣ୍ଡଳ ତରଫରୁ ମହିଳା ଜନଆକ୍ରୋସ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ମଣ୍ଡଳ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇଥିଲେ। ପଦଯାତ୍ରା ପବିତ୍ରନଗର ଛକରୁ ଆରମ୍ଭ ହୋଇ ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ବିରୋଧୀ ଦଳମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ନାରାବାଜି ଦିଆଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ଗାଁ ଗାଁରେ ଉଚିତ ଜବାବ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ସାମଲ, ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ପ୍ରତିମା ସାହୁ, ଶୁଭସ୍ମିତା ଜେନା, ସବିତାରାଣୀ ନନ୍ଦ, ପ୍ରତିମା ପ୍ରଧାନ, ସରପଞ୍ଚ ଦୁଃଖବନ୍ଧୁ ବେହେରା ଓ ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ-ଟ୍ରାକ୍ଟର ମୁହାଁମୁହିଁ ଧକ୍କା, ଶ୍ରମିକ ଆହତ



କଣିହାଁ,୧୦।୫(ସମିସ): ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବିଜୁଗୋଳ ପଞ୍ଚାୟତ ଏମଜିଆରସ୍ଥିତ ଆମ୍ରପାଳ ଛକ ନିକଟରେ ରବିବାର ସକାଳେ ଟ୍ରକ ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ଟ୍ରାକ୍ଟରରେ ଥିବା କେତେଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ କଣିହାଁ ମେଡିକାଲରେ ଭର୍ତ୍ତି କରାଯାଇଛି। କଣିହାଁରୁ ତାଳଚେର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ସହ ସମଲ ବାଲାଙ୍ଗୀରୁ ଏନଟିପିସି ଆଡ଼କୁ ଆସୁଥିବା ଇଟା ବୋଝେଇ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ସମଲ ପଞ୍ଚାୟତରେ ବସୁଧା ଯୋଜନା ଫେଲ୍**

# ମାସ ମାସ ଧରି ଲୋକଙ୍କୁ ମିଳୁନି ପାଣି

ତାଳଚେର ସହର,୧୦।୫(ସମିସ):






ବସୁଧା ଯୋଜନା, ସମସ୍ତଙ୍କ ପାଇଁ ପିଇବା ପାଣି। ଏଭଳି ଏକ ଉନ୍ନତ ଏବଂ ଜନକଲ୍ୟାଣ ଯୋଜନା ଆରମ୍ଭ କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କିନ୍ତୁ ଆଜି ସେହି ବସୁଧା ଯୋଜନା ହୋଇପଡ଼ିଛି ଶଯ୍ୟାଶାୟୀ। ଏବେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଲୋକ। ଡହ ଡହ ଖରାରେ

■ ଡହ ଡହ ଖରାରେ ପାଣି ଟୋପେ ପାଇଁ ଡହଳ ବିକଳ ଲୋକେ

■ ଟୋଲ୍ ଫ୍ରି ନମ୍ବରରେ କଲ୍ କଲେ ମିଳୁନି ଉତ୍ତର

ଲୋକଙ୍କୁ ସଠିକ୍ ଭାବେ ମିଳୁନି ପିଇବା ପାଣି। ନୂଆ ସରକାର କେବଳ ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ବେଳେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଛନ୍ତି ଜନସାଧାରଣ। ଶୁଣୁନାହିଁ ବିଭାଗ, ଶୁଣୁନାହାନ୍ତି ଲୋକ ପ୍ରତିନିଧି। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି।

ଆଜକୁ ୧୨ ଦିନରୁ ଅଧିକ ଦିନ ଧରି ପାଇପ୍ ଯୋଗେ ପାନୀୟ ଜଳ ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହରିଛନ୍ତି। ବିଭିନ୍ନ ସମସ୍ୟା ଦେଖେଇ ବାରମ୍ବାର ପାନୀୟ ଜଳ ଯୋଗାଣରେ ବିଭ୍ରାଟ କରୁଛି ବିଭାଗ। ବିଦ୍ୟୁତ୍ କାଟ ହେଲେ ଜଳ ଯୋଗାଣ ବନ୍ଦ। କିଛିଦିନ ପୂର୍ବେ ଠିକାଦାରଙ୍କ ବକେୟା ଟଙ୍କା ନ ମିଳିବାରୁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ଧାରଣା ଦେବାରୁ ଦୀର୍ଘଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ଥିଲା। ଚକ୍ରଶିଳା କଲୋନୀଠାରୁ ବଲାଙ୍ଗି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ମେସିନରେ ଖୋଳିବା ସମୟରେ ପାଇପ୍ ଫାଟି ୮ ଦିନ ପାଣି ବନ୍ଦ ରହିଲା। ବର୍ତ୍ତମାନ ଟିପୋ ଗାଁ ପ୍ରବେଶ ଗେଟ୍ ପାଖରେ ପାଇପ୍ ଜଏଣ୍ଟ ଖୋଲିଯିବାରୁ ୧୨ ଦିନରୁ ଅଧିକ ଦିନ ଧରି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ପ୍ରଦତ୍ତ ଅଭିଯୋଗ ପଞ୍ଜୀକରଣ ଟୋଲ୍ ଫ୍ରି ନମ୍ବର ୧୯୧୬ରେ ବାରମ୍ବାର ଫୋନ୍ କଲେ ମଧ୍ୟ ମିଳୁନି ଉତ୍ତର। ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ସରୋଜ ପ୍ରଧାନ ଏବଂ ଏସଡିଓ ଅକ୍ଷୟ କୁମାର ସାସମଲଙ୍କୁ ୮ ଦିନ ଧରି ବାରମ୍ବାର ଯୋଗାଯୋଗ ପରେ ମଧ୍ୟ କୌଣସି ମରାମତି ହେଉ ନାହିଁ କିମ୍ବା ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେଉନାହିଁ। ଉଭୟ ବିଭିନ୍ନ ବାହାନା କରି ମୁଣ୍ଡରୁ ଦାୟିତ୍ୱ ଓହ୍ଲାଇ ଦେଉଛନ୍ତି। ଶୀଘ୍ର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦେଇଛନ୍ତି।



# ହିନ୍ଦୋଳରେ ପୁଣି ଦଳି ମାରିଲା ହାତୀ





ଖଜୁରିଆକଟା,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସେକ୍ସନ ବାର୍ଷିଙ୍ଗା ଗ୍ରାମରେ ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ସୋମନାଥ ବିଶ୍ୱାଳଙ୍କ ସ୍ତ୍ରୀ ଭାରତୀ ବିଶ୍ୱାଳ (୫୩)। ଭୋର୍ ସମୟରେ ଭାରତୀ ଘର ନିକଟ ପଡ଼ିଆକୁ ଶୌଚ ହେବାକୁ ଯାଉଥିବା ସମୟରେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଭାରତୀ ଚିତ୍କାର କରିବାରୁ ସାହିପଡ଼ିଶା ଦୌଡ଼ି ଆସିଥିଲେ ମଧ୍ୟ ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିଲେ। ହାତୀଟି ସମସ୍ତଙ୍କ ସାମ୍ନାରେ ଭାରତୀଙ୍କୁ ଗୋଡ଼ରେ ଦଳି ଚାଲିଥିଲା। ଖବର ପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇ ଭାରତୀଙ୍କୁ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଲିଖିତ ଅଭିଯୋଗ କ୍ରମେ ବାଲିମି ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବର୍ଷକ ଭିତରେ ହାତୀ ଆକ୍ରମଣରେ ବର୍ଷିଙ୍ଗା ଗ୍ରାମର ଦୁଇଜଣଙ୍କ ମୃତ୍ୟୁ ହେଲାଣି। ଦୁଇଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କିଛିଦିନ ତଳେ ଗ୍ରାମର ନବକିଶୋର ମହାରଣାଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ରବିବାର ଭାରତୀଙ୍କ ମୃତ୍ୟୁ ନେଇ ଅଞ୍ଚଳରେ ଏକପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଭାରତୀଙ୍କ ଘର ଜଗନ୍ନାଥପୁର ସାହିରେ ହୋଇଥିବା ବେଳେ ବସ୍ତିକୁ ଲାଗି ରହିଛି ବିରାଟ ଜଙ୍ଗଲ। ଫଳରେ ବସ୍ତି ବାସିନ୍ଦା ସବୁବେଳେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବସ୍ତିବାସୀଙ୍କ ଧନଜୀବନ ରକ୍ଷା ପାଇଁ ସୋଲାର ତାରବାଡ଼ ବ୍ୟବସ୍ଥା ଓ ରାତିରେ ବନ ବିଭାଗ ଦ୍ୱାରା ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ଆଜିର ଘଟଣାକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହ ଆରସିସିଏଫ ସଞ୍ଜୟ ସ୍ୱାଇଁଙ୍କୁ ଫୋନ କରି ଲୋକସଭା କ୍ଷେତ୍ର ଅନ୍ତର୍ଗତ ଦୁଇ ଜିଲ୍ଲାରେ ବନ ବିଭାଗରେ ଖାଲି ଥିବା ରେଞ୍ଜର, ଡେପୁଟି ରେଞ୍ଜର, ଫରେଷ୍ଟର, ଫରେଷ୍ଟର ଗାର୍ଡ ପଦବୀ ପୂରଣ, ଅଧିକ ହାତୀ ଜଗୁଆଳି ନିଯୁକ୍ତି କରି ହାତୀ ଆକ୍ରମଣ ସମସ୍ୟାକୁ କିପରି ରୋକାଯାଇ ପାରିବ ସେନେଇ ଆଲୋଚନା କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମଧ୍ୟ ଢେଙ୍କାନାଳ ଡିଏଫଓ ଓ ହିନ୍ଦୋଳ ରେଞ୍ଜରଙ୍କୁ ଫୋନ୍ କରି ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଛନ୍ତି। ସେହିପରି ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ବିଜେପି ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନଙ୍କ ନେତୃତ୍ୱରେ ତେଜସ ସାହୁ, ସୁବାସ ରାଉତ, ଗିରୀଶ ସେଠୀ, ବିଷ୍ଣୁ ସାହୁ, ବନମାଳୀ ଦେହୁରୀ, ଲିଙ୍ଗରାଜ ସାହୁ, ଅଶେଷ ନାୟକ, ଶିବାନୀ ରାଉତ, ସୁବାସ ଅମାନ୍ତ ଆଦିଙ୍କ ପ୍ରଧାନ ପ୍ରମୁଖ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି।

## ଦନ୍ତା ଆକ୍ରମଣରେ ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

ପରଜଙ୍ଗ,୧୦।୫(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଅଞ୍ଚଳରେ ଗତ ମାସ ୫ ତାରିଖ ଦନ୍ତାହାତୀ ଆତଙ୍କ ଖେଳାଇଥିଲା। ଗୋଟିଏ ଦିନରେ ୪ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ସେଥି ମଧ୍ୟରୁ କଣ୍ଟୋର ପଞ୍ଚାୟତ ଖଇରା ସାହିର ଦେବରାଜ ସାହୁ (୭୦) ଘରଠାରୁ ଅଳ୍ପ ଦୂର ଗୋଡ଼ିପଶିଛିତ ଚାଷଜମି ପାଖରେ ଥିବା ମହୁଲ ଗଛରୁ ମହୁଲ ଗୋଟାଉଥିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ତାଙ୍କ ଛାତିରେ ଶକ୍ତ ଆଘାତ ଲାଗିଥିଲା। ସେଦିନଠାରୁ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ହୋଇ ଘରକୁ ଫେରିଥିଲେ। କିନ୍ତୁ ଛାତିରେ ପୁଣି ଯନ୍ତ୍ରଣା ହେବାରୁ ତାଙ୍କୁ ମେଡିକାଲ ନେବା ବାଟରେ ମୃତ୍ୟୁ ହୋଇଛି। ଖବର ପାଇଁ ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା ଓ ପୁଲିସ ପହଞ୍ଚି ମୃତଦେହ ଜବତ କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ପ୍ରାଥମିକ ଚିକିତ୍ସା ପାଇଁ ତାଙ୍କୁ ୫ ହଜାର ଟଙ୍କା ସହାୟତା ଦିଆଯାଇଥିବା ବେଳେ ବର୍ତ୍ତମାନ ସରକାରଙ୍କ ନିୟମ ମୁତାବକ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

## ଟିପ୍ପର ଧକ୍କାରେ ଜଣେ ମୃତ

କାମାକ୍ଷାନଗର,୧୦।୫(ସମିସ): କାମାକ୍ଷାନଗର ଥାନା ମାଳପୁରା ରେଲୱେ ବ୍ରିଜ ନିକଟରେ ଟିପ୍ପର ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତେନ୍ତୁଳିସିଙ୍ଗା ଗାଁର ଦେବରାଜ ଖଟୁଆ (୪୨)। ମାଳପୁରା ବାଇପାସଠାରୁ ଭାରୀଯାନ ଚଳାଚଳ ଉପରେ ନିଷେଧାଦେଶ ଥିବାବେଳେ ବେନିୟମ ଭାବେ କ୍ରୋମାଇଟ ବୋଝେଇ ଟିପ୍ପର ଯାଉଥିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଭାରୀଯାନ ଅଟକାଇବା ପାଇଁ ମାଳପୁରାଠାରେ ପୁଲିସ ମୁତୟନ ଥିବା ବେଳେ କିପରି ଗାଡ଼ି ଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଘଟଣାର ତଦନ୍ତ କରୁଛି।



## ମଦନମୋହନଙ୍କ ନଟବର ବେଶ ଓ ଭଉଁରୀ

ଢେଙ୍କାନାଳ,୧୦।୫(ସମିସ): ଢେଙ୍କାନାଳ ସହରସ୍ଥିତ ଭାଗୀରଥି ସାଗର କୂଳରେ ୨୧ଦିନ ଧରି ମଦନମୋହନଙ୍କର ଚାପଖେଳ ଚାଲୁଥିବା ସମୟରେ ଶେଷ ୫ଦିନ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥିଲା। ରବିବାର ନଟବର ବେଶ ସହ ଭଉଁରୀ ଉତ୍ସବ ପାଳନ କରାଯାଇଛି। ପ୍ରଥମ ଦିବସରେ ଗରୁଡ଼ଗୋବିନ୍ଦ, ଦ୍ୱିତୀୟ ଦିବସରେ ଗିରିଗୋବର୍ଦ୍ଧନ, ତୃତୀୟ ଦିବସରେ ବସ୍ତ୍ରାହରଣ, ଚତୁର୍ଥ ଦିବସରେ କାଳୀୟଦଳନ ବେଶରେ ସଜ୍ଜିତ ହୋଇଥିଲେ ମଦନ ମୋହନ। ସୋମବାର ହଳଦୀପାଣି ନୀତି ପାଳନ କରାଯିବ। ଭାଗୀରଥି ସାଗର କୂଳରେ ଚାପଖେଳ ଦେଖିବା ପାଇଁ ଭକ୍ତମାନଙ୍କ ଭିଡ଼ ଜମିଥିଲା। ପ୍ରତ୍ୟେକ ଦିନ ପାଲଙ୍କିରେ ମଦନମୋହନ ବଳରାମ ମନ୍ଦିରରୁ ବାହାରି ଭାଗୀରିଥି ସାଗର ଚନ୍ଦନ ବେଦୀରେ ବିଜେ କରଥିଲେ। ପୂଜକ ମଳୟ କର, ପାଳିଆ ସେବକ ବାବାଜୀ ମହାପାତ୍ର, କାହାଳିଆ ଟକିନ ବେହେରା, ମନ୍ଦରି ଜିମାଦାର ଶ୍ୟାମସୁନ୍ଦର ପାଣଗ୍ରାହୀଙ୍କ ଉପସ୍ଥିତିରେ ମଦନମୋହନଙ୍କ ନଟବର ବେଶ ଓ ଭଉଁରୀ ଉତ୍ସବ ପାଳନ କରାଯାଇଥିଲା।



## ଶବର ସମାଜର ୧୮ ତମ ବାର୍ଷିକ ବଡ଼ସଭା

ପରଜଙ୍ଗ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଗଣ୍ଡତଇଳା ଶବର ସାହିରେ ପରଜଙ୍ଗ ଷୋହଳ ମୌଜା ଶବର ସମାଜର ବାର୍ଷିକ ବଡ଼ସଭା ଅନୁଷ୍ଠିତ ହୋଇଛି। ସମାଜର ଉପଦେଷ୍ଟା ସୁବାସ ଚନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଢେଙ୍କାନାଳ ଜିଲ୍ଲା ନୀଳମାଧବ ଆଦିବାସୀ ସଂଘ ଉପସଭାପତି ଅଦ୍ୱୈତ ଦେହୁରୀ ମୁଖ୍ୟଅତିଥି, ପୂର୍ଣ୍ଣଚନ୍ଦ୍ର ଖଟୁଆ ମୁଖ୍ୟବକ୍ତା, ସନାତନ ଦେହୁରୀ, ସୁଶୀଳ କୁମାର ଦେହୁରୀ, ବସନ୍ତ କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ହଜାରେରୁ ଊର୍ଦ୍ଧ୍ୱ ଶବର ସମ୍ପ୍ରଦାୟର ପୁରୁଷ ଓ ମହିଳା ଯୋଗଦେଇଥିଲେ। ସମାଜର ବିକାଶ ପାଇଁ କୁସଂସ୍କାର, ଅନ୍ଧବିଶ୍ୱାସ, ଭଳି ସାମାଜିକ ବ୍ୟାଧି ତ୍ୟାଗ କରି ଶିକ୍ଷା, ମହିଳା ସଶକ୍ତୀକରଣ ଓ ନିଜ ମୌଳିକ ଅଧିକାରୀ ପାଇଁ ସଚେତନ ହେବାକୁ ଅତିଥି ବାର୍ତ୍ତା ଦେଇଥିଲେ। ପରଜଙ୍ଗ ଷୋହଳ ମୌଜା ଶବରଜାତି ସମାଜର ଯୁବ ସଭାପତି ଭୀମସେନ ଖଟୁଆ ମଞ୍ଚ ପରିଚାଳନା କରିଥିଲାବେଳେ ସମ୍ପାଦକ ବୀରେନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଗଁଦିଆ ରାଜସ୍ୱ ବିଭାଗରେ କର୍ମଚାରୀ ମରୁଡ଼ି

ଗଁଦିଆ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ରାଜସ୍ୱ ବିଭାଗରେ ସ୍ୱଳ୍ପ କର୍ମଚାରୀରେ କାର୍ଯ୍ୟ ଚାଲୁଥିବାରୁ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜସ୍ୱ ବିଭାଗରେ ସତେ ଯେମିତି କର୍ମଚାରୀ ମରୁଡ଼ି ପଡ଼ିଛି। ଡବଲ ଇଞ୍ଜିନ ସରକାର ଶାସନକୁ ଦୁଇବର୍ଷ ହେଲଣି କିନ୍ତୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଏବେ କର୍ମଚାରୀ ମରୁଡ଼ି ପଡ଼ିଛି। ଗଁଦିଆ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଆବଶ୍ୟକ ମୁତାବକ କର୍ମଚାରୀ ନାହାନ୍ତି। ଫଳରେ ଅନେକ ସମୟରେ ଜନସାଧାରଣ ସଠିକ ସମୟରେ ଉକ୍ତ କାର୍ଯ୍ୟାଳୟରୁ ସେବା ପାଇବାରୁ ବଞ୍ଚିତ ରହୁଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ସୌମ୍ୟରଞ୍ଜନ ମହାନ୍ତିଙ୍କର ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି ଯେ ଏହି ତହସିଲ କାର୍ଯ୍ୟାଳୟରେ ୪ ଜଣ ବରିଷ୍ଠ ସହାୟକ, ୮ ଜଣ କନିଷ୍ଠ ସହାୟକ, ୧୦ ଜଣ ରାଜସ୍ୱ ଅଧିକାରୀ, ୧୦ ଜଣ ଅତିରିକ୍ତ ରାଜସ୍ୱ ଅଧିକାରୀ, ୪ ଜଣ ଅମିନ ରହିବା କଥା। କିନ୍ତୁ ବର୍ତ୍ତମାନ ମାତ୍ର ଜଣେ ବରିଷ୍ଠ ସହାୟକ, ୬ଜଣ କନିଷ୍ଠ ସହାୟକ, ୮ ଜଣ ରାଜସ୍ୱ ଅଧିକାରୀ, ୫ ଜଣ ଅତିରିକ୍ତ ରାଜସ୍ୱ ଅଧିକାରୀ ଓ ୨ଜଣ ଅମିନ ଅଛନ୍ତି। କାର୍ଯ୍ୟାଳର ବରିଷ୍ଠ କିରାଣି ବିରଞ୍ଚି ନାରାୟଣ ନାଥ ଡେପୁଟେସନରେ ଜିଲ୍ଲାପାଳଙ୍କ ରେକର୍ଡ ରୁମ୍‌କୁ ୨୦୨୩ ଜୁଲାଇ ୨୫ରୁ ଯାଇଛନ୍ତି। ସେହିପରି ଅନ୍ୟତମ ବରିଷ୍ଠ କିରାଣି ଅଜିତ କୁମାର ସିଂ ୨୦୨୫ ଡିସେମ୍ବର ୧୧ରୁ ନିଲମ୍ବିତ ହୋଇ ବର୍ତ୍ତମାନ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଛନ୍ତି। ରାଜସ୍ୱ ଅଧିକାରୀ ରାଜେନ୍ଦ୍ର କୁମାର ସାହୁ ଡେପୁଟେସନରେ ଭୁବନ ତହସିଲରେ କାର୍ଯ୍ୟ କରୁଛନ୍ତି। ଉକ୍ତ କାର୍ଯ୍ୟାଳୟରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ ନିମନ୍ତେ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ-୧୧୪୫ ତା ୨୩-୩-୨୬ରେ ଅବଗତ କରାଯାଇଛି। ସେହିପରି ତହସିଲ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ଜଣ ଅତିରିକ୍ତ ତହସିଲଦାର ନିଯୁକ୍ତିର ବିଧି ଥିଲେ ମଧ୍ୟ ଅଦ୍ୟାବଧି ଜଣେ ଅତିରିକ୍ତ ତହସିଲଦାର ଅଛନ୍ତି। କାର୍ଯ୍ୟାଳୟରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ ପାଇଁ ସରକାର ପଦକ୍ଷେପ ନେବାକୁ ଦାବି ହେଉଛି।

**ସେବା ପାଇବାରୁ ଲୋକେ ବଞ୍ଚିତ**

## ମନ୍ତ୍ରୀଙ୍କ ଗଁଦିଆ ଗସ୍ତ, ବିଭିନ୍ନ ପ୍ରକଳ୍ପ ଉଦଘାଟନ





ଗଁଦିଆ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକରେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ସୋରିଷିଆପଦା ପଞ୍ଚାୟତର ରାମେଇଁ ଗ୍ରାମରେ ୪ ଲକ୍ଷ ୫୦ ହଜାର ଟଙ୍କାରେ ନିର୍ମିତ ମା' ମଙ୍ଗଳା ମନ୍ଦିରର ଭୋଗ ମଣ୍ଡପକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।ଏହାପରେ ମନ୍ତ୍ରୀ ବଳିପୁର ଗ୍ରାମରେ ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ବନ ସୁରକ୍ଷା ସମିତି ଗୃହକୁ ଲୋକାର୍ପଣ କରିଥିଲେ। ଜଙ୍ଗଲ ସୁରକ୍ଷା ଓ ପରିବେଶର ଯତ୍ନ ନେବା ପାଇଁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଖଙ୍କିରା ଗ୍ରାମରେ ମଧ୍ୟ ଏକ ବନ ସୁରକ୍ଷା ଗୃହ ଏବଂ ଲାଉଲେଇ ଗ୍ରାମରେ ଭାଗବତ ଜୀଉ ଟୁଙ୍ଗିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଲାଉଲେଇ ୟୁ.ପି. ବିଦ୍ୟାଳୟରେ ନୂଆ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲାଉଲଇ ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହର ଉଦ୍‌ଘାଟନ କରାଯାଇଛି। ଲୋକଙ୍କ ଅନୁରୋଧ ରକ୍ଷା କରି ଜଟିଆ ବୁଢ଼ା କମ୍ୟୁନିଟି ସେଣ୍ଟରର ଉନ୍ନତି ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମ ସମୟରେ ମନ୍ତ୍ରୀ ସାଧାରଣ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଲୋକମାନେ ନିଜର ରାସନ୍ କାର୍ଡ, ବୃଦ୍ଧାବସ୍ଥା ଭତ୍ତା, ଆବାସ ଯୋଜନାରେ ଘର ଏବଂ ଭିନ୍ନକ୍ଷମ ସମସ୍ୟା ବିଷୟରେ ମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀ ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ଗସ୍ତ ସମୟରେ ଗଁଦିଆ ବ୍ଲକ ଅଧକ୍ଷା ଅଧକ୍ଷା ରୀନାରାଣୀ ଖଟୁଆ, ବିଡିଓ ପବିତ୍ର କୁମାର ବେହେରା,ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ କୋଦଣ୍ଡଧର ସାହୁ, ଲଳିତ ମୋହନ ଦାସ,ମହାଦୀପ ଯଶୋବନ୍ତ ମହିମା, ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉଳଓ ସଜଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ମଣ୍ଡଳର ସଭାପତି, ଦଳିୟ କର୍ମୀ ଓ ସମର୍ଥକ ଏବଂ ପୂର୍ବତନ ବ୍ଲକ ସଭାପତି ପ୍ରଦିପ କୁମାର ଦାସ ଉପସ୍ଥିତ ଥିଲେ।

## ବ୍ରିଜ ତଳକୁ ଖସିପଡ଼ିଲା ପିକଅପ, ୨ ଆହତ

ପରଜଙ୍ଗ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ଗମ୍ଭାରିଆ ପୋଲ ଉପରୁ ଭାରସ୍ୟାମ ହରାଇ ଏକ ପିକଅପ ଭ୍ୟାନ ତଳକୁ ଖସିପଡ଼ିଥିଲା। ଫଳରେ ଗାଡ଼ି ଚାଳକ କଙ୍କଡ଼ାହାଡ଼ ବ୍ଲକ ସସାପଶି ଗ୍ରାମର କାର୍ତ୍ତିକ ପ୍ରଧାନ (୨୬) ଓ ହେଲେପର ସେହି ଗ୍ରାମର ପ୍ରତାପ ଦେହୁରୀ (୨୩) ଆହତ ହୋଇଛନ୍ତି। ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପିକ୍‌ଅପ୍ ଗାଡ଼ିଟି ସାଆନ୍ଦା ଅଞ୍ଚଳରେ କୁକୁଡ଼ା ଦାନା ଦେଇ ପରଜଙ୍ଗ ଅଞ୍ଚଳକୁ ଆସୁଥିବା ବେଳେ ହେଲେପର ପ୍ରତାପ ଗାଡ଼ି ଚଳାଇବା ଶିଖୁଥିଲେ। ତେବେ ବ୍ରିଜ୍ ଉପରେ ଭାରସ୍ୟାମ ହରାଇ କାଟି ଦେବାରୁ ଗାଡ଼ି ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ଗାଡ଼ି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସ୍ଥାନୀୟ ଲୋକେ ଡ୍ରାଇଭର ଏବଂ ହେଲେପରଙ୍କୁ ଉଦ୍ଧାର କରିଥିଲେ। ପୁଲିସ ଗାଡ଼ି ଜବତ କରି ତଦନ୍ତ କରୁଛି।



## ଏନଏସି ମାନ୍ୟତା ଅପେକ୍ଷାରେ ପରଜଙ୍ଗବାସୀ

ପରଜଙ୍ଗ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଓ ପୋଡଶୀ ପଞ୍ଚାୟତକୁ ମିଶାଇ ଏକ ବିଜ୍ଞାପିତ ପରିଷଦ ଅଞ୍ଚଳ କରିବାପାଇଁ ଆଜିକୁ ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଅଞ୍ଚଳ ବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।ବିଜ୍ଞାପିତ ପରିଷଦ ଅଞ୍ଚଳ କାହିଁକି ହୋଇପାରୁନି ଏହି ପ୍ରଶ୍ନ ବହୁ ବର୍ଷ ଧରି ସ୍ଥାନୀୟ ଲୋକଙ୍କ ମନରେ ରହିଆସିଛି। ପରଜଙ୍ଗ ଅଞ୍ଚଳରେ ଅନେକ ସମ୍ଭାବନା ଥିବା ସତ୍ତ୍ୱେ, ଏହା ଏପର୍ଯ୍ୟନ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ପାଇନାହିଁ। ନିର୍ବାଚନ ପାଖେଇ ଆସିବା ସମୟରେ ଏ ବିଷୟରେ ପଚାରିଲେ ଖୁବ୍ ଶୀଘ୍ର ହୋଇଯିବ ବୋଲି ନେତା କୁହନ୍ତି ନଚେତ୍ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇଲା ବୋଲି ଘୋଷଣା ମଧ୍ୟ ହୋଇଥାଏ।ଆଉ ନିର୍ବାଚନ ସରିବା ପରେ ସବୁ ଠପ୍ ହୋଇଯାଏ।, ପରଜଙ୍ଗକୁ ଏନ୍ ଏ ସି କରାଗଲେ ଏହି ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ, ଯାହା ସ୍ଥାନୀୟ ଅଧିବାସୀଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବ। କିନ୍ତୁ ଏଥିପ୍ରତି ରାଜନେତା ମାନେ କୌଣସି ପଦକ୍ଷେପ ନେବାକୁ ଚାହୁନାହାନ୍ତି। ପ୍ରଥମତଃ, ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପାଇଲେ ସହରୀକରଣର ସୁଯୋଗ ବୃଦ୍ଧି ପାଇବ। ନଗର ଉନ୍ନୟନ ବିଭାଗ ଦ୍ୱାରା ଅନେକ ଯୋଜନା କାର୍ଯ୍ୟକାରୀ କରାଯିବ, ଯେପରିକି ଉନ୍ନତ ରାସ୍ତା, ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଏବଂ ସାର୍ବଜନୀନ ପରିବହନ। ଏହାଦ୍ୱାରା ଯାତାୟାତ ସୁବିଧାଜନକ ହେବ ଏବଂ ଅଞ୍ଚଳର ବାଣିଜ୍ୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ବିଶେଷକରି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଅଧିକ ସୁସଜ୍ଜିତ ହେବ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ବୃଦ୍ଧି ପାଇବ। ବିଜ୍ଞାପିତ ଅଞ୍ଚଳ ହେବା ଦ୍ୱାରା ନୂତନ ବ୍ୟବସାୟ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ଏବଂ ଦାରିଦ୍ର୍ୟ ହ୍ରାସ ପାଇବ। ସରକାରଙ୍କ ଠାରୁ ଅଧିକ ପାଣ୍ଠି ଆସିବା ଦ୍ୱାରା, ଭିତ୍ତିଭୂମିର ବିକାଶ ମଧ୍ୟ ତ୍ୱରାନ୍ୱିତ ହେବ। ଯଦି ପରଜଙ୍ଗ ଅଞ୍ଚଳ ବିଜ୍ଞାପିତ ଅଞ୍ଚଳ ଭାବେ ମାନ୍ୟତା ପାଏ, ତେବେ ଏଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସାଂସ୍କୃତିକ ସମ୍ପଦକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରାଯିବ। ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକୀୟ ସୁବିଧା, ଯେପରିକି ହୋଟେଲ, ରେଷ୍ଟୁରାଣ୍ଟ ଏବଂ ପରିବହନ ବ୍ୟବସ୍ଥାର ଉନ୍ନତି ହେବ, ଯାହା ପର୍ଯ୍ୟଟନ ଶିଳ୍ପକୁ ଆଗକୁ ବଢ଼ାଇବ। ତେବେ, ଏହି ସବୁ ସୁବିଧା ପାଇବା ପାଇଁ, ସ୍ଥାନୀୟ ଜନ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କ ମିଳିତ ପ୍ରୟାସ ଅତ୍ୟନ୍ତ ଜରୁରୀ। ସରକାରଙ୍କ ଉପରେ ଚାପ ପକାଇବା ଏବଂ ଏହି ଦାବିକୁ ଦୃଢ଼ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡ଼ିବ। ଆଶା କରାଯାଏ ଯେ ଖୁବ୍ ଶୀଘ୍ର ପରଜଙ୍ଗ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ମିଳିବ ଏବଂ ଏହାର ସର୍ବାଙ୍ଗୀନ ବିକାଶ ସମ୍ଭବ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ରାସ୍ତା ପାର୍ଶ୍ୱରେ ଧକ୍କାହେଲା ସ୍କୁଟି

ଭୁବନ,୧୦।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ରଙ୍ଗମାଟିଆ ପୋଲର ଆପ୍ରୋଚ ରୋଡ ପାର୍ଶ୍ୱରେ ଭାରସାମ୍ୟ ହରାଇ ସ୍କୁଟି ଧକ୍କା ହେବାରୁ ଜଣେ ମହିଳା ଆହତ ହୋଇଛନ୍ତି। ମହିଳା ଅଚେତ ଅବସ୍ଥାରେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଅଞ୍ଚଳବାସୀ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଛାତିରେ ଗଭୀର ଆଘାତ ଲାଗିଥିବାରୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି। ଆହତ ମହିଳା ହେଲେ ଯାଜପୁର ଜିଲ୍ଲା ମାନପୁର ଗ୍ରାମର ଲକ୍ଷ୍ମୀପ୍ରିୟା ପୃଷ୍ଟି ଓ ସେ ଢେଙ୍କାନାଳ ଯାଉଥିବା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଅପରପକ୍ଷେ ଏହି ରାସ୍ତାଟି ବୁଲିଣି ଓ ଗଡ଼ାଣି ଥିବାରୁ ଅଧିକାଂଶ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି।

## ବୁଡ଼ି ଯାଉଥିବାବେଳେ ୩ ପର୍ଯ୍ୟଟକ ଉଦ୍ଧାର

ପୁରୀ,୧୦।୫(ସମିସ): ପୁରୀ ସମୁଦ୍ରରେ ସ୍ନାନ କରିବାବେଳେ ଘଟିଛି ଅଘଟଣ। ୪ ନମ୍ବର ସେକ୍ଟରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ହେଉଛନ୍ତି ଢେଙ୍କାନାଳ ହିନ୍ଦୋଳ ଅଞ୍ଚଳର ଜଳରାମ ବେହେରା, ଲକ୍ଷ୍ମୀପ୍ରିୟା ବେହେରା ଏବଂ ଓମ୍ ପ୍ରକାଶ ବେହେରା। ଏମାନେ ଗୋଟିଏ ପରିବାରର ବୋଲି ସୂଚନା ମିଳିଛି। ଲାଇଫ୍‌ଗାର୍ଡ ଗୋବିନ୍ଦ ବେହେରା ସେମାନଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ପର୍ଯ୍ୟଟକମାନେ ପୁରୀ ବୁଲିବାକୁ ଆସି ରବିବାର ଅପରାହ୍ଣରେ ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିଲେ। ଏହା ଦେଖି ଡ୍ୟୁଟିରେ ଥିବା ଲାଇଫ୍‌ଗାର୍ଡ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ। ଗତ ୮ ତାରିଖରେ ମଧ୍ୟ ଅନୁରୂପ ଭାବେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା।

# ବୟସ ବଢ଼ାଇ ହାତେଇଛନ୍ତି ବର୍ଦ୍ଧିତ ଭତ୍ତା

ହିନ୍ଦୋଳ,୧୦।୫(ସମିସ):

ବୟସର ଅପାରହ୍ନରେ ପହଞ୍ଚିଥିଲେ ମଧ୍ୟ ଘାରିଛି ସରକାରୀ ଅର୍ଥ ହଡ଼ପର ଲୋଭ। ଭୋଟର ପରିଚୟପତ୍ରରେ କରିଛନ୍ତି ଜାଲିଆତି। ବୟସ ବଢ଼ାଇ ହାତେଇଛନ୍ତି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା। ଏପରି ଘଟଣା ହିନ୍ଦୋଳ ବ୍ଲକର ଅଧିକାଂଶ ପଞ୍ଚାୟତରେ ହୋଇଥିବା ବେଳେ ଏ ନେଇ ଖବର ପ୍ରକାଶ ପରେ ମଧ୍ୟ କୌଣସି ତଦନ୍ତ ହେଉନାହିଁ।

ତଞ୍ଚକତା ପୂର୍ବକ ବୟସ ୮୦କୁ ବଢ଼ାଇ ମଧୁବାବୁ ପେନସନ ଯୋଜନାର ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି ବହୁ ବ୍ୟକ୍ତି। ମାସିକ ପାଇଛନ୍ତି ୩୫ ଶହ ଟଙ୍କା। ଏଣେ ପ୍ରକୃତ ହିତାଧିକାରୀ ଏବେ ବି ୩୫ ଶହ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। କିଛି ଗ୍ରାମରେ ଅଙ୍ଗନବାଡ଼ି କର୍ମୀ ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟର କିଛି କିରାଣିଙ୍କ ସହଯୋଗରେ ଗ୍ରାମାଞ୍ଚଳ ଲୋକଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ବୟସକୁ ବଢ଼ାଇ ଦିଆଯାଇଥିବା ନେଇ ଉପଖଣ୍ଡରେ ବାରମ୍ବାର ଅଭିଯୋଗ ହୋଇଆସିଛି। ୨୦୨୧ ମସିହା ଭୋଟର ଲିଷ୍ଟରେ ଯେଉଁମାନଙ୍କ ବୟସ ୬୦ ବର୍ଷ ରହିଛି ୨୦୨୫ରେ ତାହାକୁ ୮୦ ବର୍ଷରୁ ଊର୍ଦ୍ଧ୍ୱ କରାଯାଇଛି।

ରାଜ୍ୟରେ ବିଜେପି ସରକାର ଆସିବା ପରେ ମଧୁବାବୁ ପେନସନ ଯୋଜନାରେ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରାଯାଇଥିଲା। ଏପରି ହିତାଧିକାରୀଙ୍କୁ ପୂର୍ବରୁ ୧୨ଶହ ଟଙ୍କା ମିଳୁଥିବା ବେଳେ ଏବେ ୩୫ ଟଙ୍କା ପ୍ରଦାନ କରାଯାଉଛି। ବର୍ଦ୍ଧିତ ଭତ୍ତା ପାଇବା ପାଇଁ ହିନ୍ଦୋଳ ବ୍ଲକର ବହୁ ବୃଦ୍ଧବୃଦ୍ଧା ଆବେଦନ କରିଥିଲେ। ହେଲେ ଭତ୍ତା ମଞ୍ଜୁର ପରେ ସେମାନଙ୍କ ମଧ୍ୟରୁ କିଛି ଆବେଦନକାରୀଙ୍କୁ ୮୦ ବର୍ଷ ହୋଇ ନ ଥିଲେ ମଧ୍ୟ ଭୋଟର ପରିଚୟପତ୍ରରେ ଜାଲିଆତି କରି ବୟସ ବଢ଼ାଇ ବର୍ଦ୍ଧିତ ଭତ୍ତା ନେଉଥିବା ଦେଖିବାକୁ ମିଳିଛି। ଏହି ଦୁର୍ନୀତିରେ ଗୋଟିଏ ର୍‌ୟାକେଟ କାର୍ଯ୍ୟ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ଏହାର ତଦନ୍ତ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ଖବର ପ୍ରକାଶ ପରେ ବି ହେଉନି ତଦନ୍ତ**



